## ଫିକା ପଡିଲା ହୋଲିକା ଦହନ ଉତ୍ସବ

ରାଜଗାଙ୍ଗପୁର,୩୦।୩ (ଡି.ଏନ.ଏ.): ଚଳିତବର୍ଷ କୋଭିଡ କଟକଣା ଯୋଗୁ ରାଜଗାଙ୍ଗପୁରରେ ହୋଲିକା ଦହନ ଉତ୍ସବ ଫିକା ପଡିଛି । ରାଜଗାଙ୍ଗପୁର ବିକାଶ ପରିଷଦ ଜିଲା ପ୍ରଶାସନଠାରୁ ଅନୁମତି ଆଣି ସହରରେ ହୋଲିକା ଦହନ ଉତ୍ସବ ପାଳନ କରିଥିଲା। ପରିଷଦର ସଭାପତି ନରେଶ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ମାରୱାଡି ପରମ୍ପରା ଅନୁଯାୟୀ ବିଭିନ୍ନ ପୂଜାପାଠ ସହ ସନ୍ଧ୍ୟାରେ ଏହି ଦହନ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମ ମୁଖ୍ୟତଃ ମାରୱାଡି ସଂପ୍ରଦାୟର ବ୍ୟକ୍ତିଙ୍କ ଦ୍ୱାରା ପାଳିତ ହୋଇଥାଏ ।

## ସଂକ୍ଷେପରେ

### ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଅଭିଯୋଗ

ସମ୍ବଲପୁର, ୩୦।୩ (ବ୍ୟୁରୋ): ସମ୍ବଲପୁର ବୁର୍ଲା ଥାନା ଜିରୋ ପଏଣ୍ଟକୁ ବଣଭୋଜି କରିବାକୁ ଆସିଥିବା ଯୁବକମାନଙ୍କୁ ପ୍ରାୟ ୨୫ଜଣ ଯୁବକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଅତାବିରା ଥାନା ରୁଗୁଡିଟିକ୍ରାର ଶୁଭେନ୍ଦୁ ମିର୍ଦ୍ଧା ଅଭିଯୋଗ କରିଛନ୍ତି, ୭ ଜଣ ସାଙ୍ଗଙ୍କ ସହ ସେ ଜିରୋ ପଏଣ୍ଟକୁ ଗାଧୋଇବାକୁ ଆସିଥିଲେ । ଏହି ସମୟରେ ୨ଟି କାର୍ ଡ୍ୟାମର ରାସ୍ତା ମଝିରେ ଛିଡା ହୋଇଥିଲା। କାରକୁ ହଟାଇବାକୁ କହିବାରୁ ଯୁବକମାନେ ମାରପିଟ କରିଥିଲେ। ଏଥିରେ ତାଙ୍କର ହାତ, ଗଣ୍ଠିରେ କ୍ଷତ ହୋଇଛି। ଅନ୍ୟ କେତେଜଣ ସାଙ୍ଗ ମଧ ଆହତ ହୋଇଛନ୍ତି। ସମସ୍ତଙ୍କୁ ବୁର୍ଲା ଭିମସାରରେ ଚିକିତ୍ସା କରାଯାଇଥିଲା। ଏ ସମ୍ପର୍କରେ ବୁର୍ଲା ଥାନା ଅଧିକାରୀ ବିବି ଭୋଇଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଅଭିଯୋଗ ଆସିଥିଲା। ଅତାବିରା ଥାନା ପରିସରରେ ଘଟଣା ଘଟିଛି। ଆମ ଥାନାରେ ମାମଲା ରୁଜୁ କରି ଉକ୍ତ ଥାନାକୁ ସ୍ଥାନାନ୍ତରିତ କରିଦେବାକୁ ଆମେ କହିଥିଲୁ।

### ଅନ୍‌ଲାଇନ ପରୀକ୍ଷା ଦାବିରେ ରାସ୍ତାରୋକୋ

ରାଉରକେଲା ଅଫିସ,୩୦।୩: ଅନ୍‌ଲାଇନ ପରୀକ୍ଷା ଓ କୋଭିଡ ଟେଷ୍ଟ କରିବା ଦାବିରେ ରାଉରକେଲା ୟୁଜିଆଇ ଓ ବାସନ୍ତୀ ଡିଏଭି କଲେଜରେ ଉତ୍ତେଜନା ପ୍ରକାଶ ପାଇଛି। ମଙ୍ଗଳବାର ଉଭୟ କଲେଜର ଶତାଧିକ ଛାତ୍ରୀଛାତ୍ର ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି। ଦାବି ସମ୍ପର୍କରେ କଲେଜ କର୍ତ୍ତୃପକ୍ଷ ଲିଖିତ ପ୍ରତିଶ୍ରୁତି ନ ଦେଲେ ରାସ୍ତାରୁ ହଟିବେ ନାହିଁ ସେମାନେ ବୋଲି ଚେତାବନୀ ଦେଇଛନ୍ତି। ସୁରକ୍ଷା ଦୃଷ୍ଟିରୁ ଉଭୟ କଲେଜରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ସୂଚନାଯୋଗ୍ୟ, ବୁଧବାରଠାରୁ ଡିପ୍ଲୋମାର ପ୍ରଥମ, ତୃତୀୟ ଓ ପଞ୍ଚମ ସେମିଷ୍ଟର ପରୀକ୍ଷା ଆରମ୍ଭ ହେବ। ଏପ୍ରିଲ ୧୩ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ। ଅନ୍‌ଲାଇନ ପାଠପଢା ବନ୍ଦ ହୋଇଯାଇଥିବା ବେଳେ ଅଫ୍‌ଲାଇନ ପରୀକ୍ଷାକୁ ଛାତ୍ରୀଛାତ୍ରମାନେ କଡା ବିରୋଧ କରିଛନ୍ତି ।

### ଆଦୃତା ଶିଶୁ ସଦନର ନୂତନ କୋଠା ଉଦ୍‌ଘାଟିତ

ସୁନ୍ଦରଗଡ, ୩୦।୩ (ଡି.ଏନ.ଏ): ସୁନ୍ଦରଗଡ ସହର ଉପକଣ୍ଠରେ ଥିବା ଆଦୃତା ଶିଶୁ ସଦନର ୩ ମହଲା ବିଶିଷ୍ଟ ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି । ରାଉରକେଲା ବିଧାୟକ ତଥା ସୁନ୍ଦରଗଡ ଜିଲା ଯୋଜନା ପରିଷଦର ଅଧକ୍ଷ ଶାରଦା ପ୍ରସାଦ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ରାଉରକେଲା ଷ୍ଟିଲ ପ୍ଲାଣ୍ଟର ମୁଖ୍ୟ ମହାପ୍ରବନ୍ଧକ ଅଜୟ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଉରକେଲା ଷ୍ଟିଲ ପ୍ଲାଣ୍ଟ, ସୁନ୍ଦରଗଡର ବିଭିନ୍ନ ଅନୁଷ୍ଠାନ ଓ ସଂଗଠନର ଆର୍ଥିକ ଅନୁଦାନରେ ଏହି ଗୃହ ନିର୍ମିତ ହୋଇପାରିଛି । ସାମାଜିକ କର୍ମୀ ଶିଶିର କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଆଦୃତା ଶିଶୁ ସଦନ ଏକ ଶିଶୁ ଯତ୍ନକାରୀ ଅନୁଷ୍ଠାନ। ଏଠାରେ ପରିତ୍ୟକ୍ତ, ଅବହେଳିତ, ଅନାଥ ଓ ନିଃସହାୟ ଶିଶୁମାନଙ୍କୁ ଲାଳନ ପାଳନ କରାଯାଏ ।

### ବୀଣାପାଣି ଯୁବକ ସଂଘର ବାର୍ଷିକୋତ୍ସବ

ଲହୁଣୀପଡା, ୩୦।୩ (ଡି.ଏନ.ଏ.): ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ କଲେଇପୋଷ ପଞ୍ଚାୟତ ଠାକୁରପାଲି ଗ୍ରାମରେ ଦୋଳ ପୂର୍ଣ୍ଣିମା ଉପଲକ୍ଷେ ବୀଣାପାଣି ଯୁବକ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲା ପରିଷଦ ଅଧକ୍ଷ ରାଣୀଜିତ କିଷାନ, ମୁଖ୍ୟବକ୍ତା ଭାବେ ବିଜୁ ଶ୍ରମିକ ସାମ୍ମୁଖ୍ୟ ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ କଲେଇପୋଷ ସରପଞ୍ଚ ଶାନ୍ତି ଓରାମ, ବଣେଇ ବ୍ଲକ ଅଧକ୍ଷା ମଞ୍ଜୁଲତା କିଷାନ, କୁମାର ଗୌତମ ବାରିକ, କାନ୍ଦୁର କିଷାନ ଯୋଗ ଦେଇଥିଲେ । ବନବିହାରୀ କିଷାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସୁଦର୍ଶନ କିଷାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅତିଥିମାନେ ଦୋଳ ପର୍ବ ସମ୍ପର୍କରେ ଆଲୋକପାତ କରିବା ସହ ଏହି ପ୍ରାଚୀନ ପରମ୍ପରାକୁ ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ । ଶେଷରେ ଉପେନ୍ଦ୍ର କିଷାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଦିଲୀପ ବିଶ୍ୱାଳଙ୍କ ରଚିତ ଓ କବି ବାରିକଙ୍କ ନିର୍ଦ୍ଦେଶନାରେ ‘ସକାଳ ହୋଇନି ଆସିଲା ସଞ୍ଜ’ ସାମାଜିକ ନାଟକ ମଞ୍ଚସ୍ଥ ହୋଇଥିଲା । ସଂଘର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବର୍ଦ୍ଧିତ ହୋଲ୍‌ଡିଂ ଟିକସ ପ୍ରତ୍ୟାହାର ଦାବି

ରାଉରକେଲା, ୩୦।୩



କଗ୍ରେସ କର୍ମକର୍ତ୍ତାମାନେ ଆର୍‌ଏମ୍‌ସି ଅଫିସ୍ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ହୋଲ୍‌ଡିଂ ଟିକସ ବୃଦ୍ଧିର ପ୍ରତ୍ୟାହାର ସହ ମନ୍ଥର ଗତିରେ ରାଉରକେଲା ସହରର ବିଭିନ୍ନ ସ୍ଥାନରେ ରାସ୍ତା ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ରାଉରକେଲା କଂଗ୍ରେସ ଦାବି କରିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଜିଲା କଂଗ୍ରେସର ପୂର୍ବତନ ସଭାପତି ବିରେନ ସେନାପତିଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ରାଉରକେଲା ମହାଗନର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ମର୍ମରେ ସେମାନେ ଆର୍‌ଏମ୍‌ସି କମିଶନରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

ବର୍ତ୍ତମାନ କରୋନା କାଳରେ ଲୋକମାନେ ରୋଜଗାର ହରାଇଛନ୍ତି। ପ୍ରାୟତଃ ସବୁ ଶ୍ରେଣୀର ସହରବାସୀଙ୍କ ଆୟ ବିଶେଷ ଭାବେ ପ୍ରଭାବିତ ହୋଇଛି। ସାଧାରଣ ଲୋକଙ୍କୁ ଅଣ୍ଟାସଳଖି ଛିଡା ହେବା ପାଇଁ ସହାୟତାର ଆବଶ୍ୟକତା ରହିଛି। ଏଭଳି ସ୍ଥିତିରେ ରାଉରକେଲା ମହାନଗର ନିଗମ କର୍ତ୍ତୃପକ୍ଷ ମନଇଚ୍ଛା ହୋଲ୍‌ଡିଂ ଟିକସ ବୃଦ୍ଧି କରି ଆଦାୟ ପାଇଁ ଜୁଲମ କରିବା ବିଡମ୍ବନାର ବିଷୟ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି।

**କମିଶନରଙ୍କୁ ସ୍ମାରକପତ୍ର ଦେଲା କଂଗ୍ରେସ**

ତେଣୁ ୨୦୧୮-୧୯ ଆର୍ଥିକ ବର୍ଷଠାରୁ ଚଳିତ ଆର୍ଥିକ ପର୍ଯ୍ୟନ୍ତ ହୋଲ୍‌ଡିଂ ଟିକସରେ ଯେଉଁ ଅହେତୁକ ବୃଦ୍ଧି ହୋଇଛି ତାକୁ ପ୍ରତ୍ୟାହାର କରିନେବା ସହିତ ଠିକ୍ ଭାବେ ହୋଲ୍‌ଡିଂ ଟିକସ ପୁନଃ ନିର୍ଦ୍ଧାରଣ କରିବାକୁ ଦଳ ତରଫରୁ ଦାବି କରାଯାଇଛି। ସେହିପରି ବର୍ଷେରୁ ଊର୍ଦ୍ଧ୍ୱ ସମୟ ଧରି ସହରରେ ସ୍ମାର୍ଟରୋଡ୍ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ବେଳେ ଅତି ନିକୃଷ୍ଟମାନର କାମ ହେଉଛି । ସମ୍ପୃକ୍ତ ରାସ୍ତାକାମ ଯୋଗୁ ବ୍ୟାପକ ବାୟୁ ପ୍ରଦୂଷଣ ସହ ରାସ୍ତାଗୁଡିକର ଅଧାପନ୍ତରିଆ କାର୍ଯ୍ୟ ପାଇଁ ପ୍ରତ୍ୟେକ ଦିନ ଛୋଟବଡ ଦୁର୍ଘଟଣା ଘଟୁଛି। ତେଣୁ ସମ୍ପୃକ୍ତ ରାସ୍ତାକାର୍ଯ୍ୟ ଗୁଡିକୁ ତ୍ୱରାନ୍ୱିତ କରିବା ପାଇଁ ଦଳ ପକ୍ଷରୁ ଦାବି କରାଯାଇଛି। ଉକ୍ତ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଦାବିକୁ ମହାନଗର ନିଗମ କର୍ତ୍ତୃପକ୍ଷ ଅଣଦେଖା କଲେ ୧୫ ଦିନ ପରେ ମହାନଗର ନିଗମ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। କାର୍ଯ୍ୟକ୍ରମରେ କଂଗ୍ରେସ ନେତା ପ୍ରଶାନ୍ତ ସେଠୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ଇନ୍‌ଟାକ୍ ଅଧକ୍ଷ ନିହାର ଦାସ, କୃଷକ କଂଗ୍ରେସ ଅଧକ୍ଷ ମନମୋହନ ଓରାମ, ସିଦ୍ଧେଶ୍ୱର ମଲ୍ଲିକ, ମହିଳା କଂଗ୍ରେସ ସଭାନେତ୍ରୀ ଲତା ନାୟକ, ସେବାଦଳ ଅଧକ୍ଷ ବିନୋଦ ରାଉତ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ସୁବଳ ବାସୁରୀଙ୍କ ସମେତ ଶତାଧିକ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ ।

# ଏନ୍‌ଆଇଟିରେ ପୁଣି ୭ କରୋନା ଆକ୍ରାନ୍ତ ଚିହ୍ନଟ

ରାଉରକେଲା ଅଫିସ,୩୦।୩

**ନେଗେଟିଭ ଚିହ୍ନଟ ପିଲାଙ୍କୁ ହଷ୍ଟେଲ ଖାଲି କରିବାକୁ ନିର୍ଦ୍ଦେଶ**

ରାଉରକେଲା ସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜି (ଏନ୍‌ଆଇଟି)ରେ ପୂର୍ବରୁ ୭ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ତେବେ ସୋମବାର ଆଉ ୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ଏହି ଶିକ୍ଷାନୁଷ୍ଠାନରେ ୧୪ ପଜିଟିଭ ଚିହ୍ନଟ ହୋଇସାରିଲେଣି। କ୍ୟାମ୍ପସରେ ଏତେସଂଖ୍ୟକ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ନେଗେଟିଭ ଚିହ୍ନଟ ପିଲାଙ୍କୁ ହଷ୍ଟେଲ ଖାଲି କରିବାକୁ ଏନ୍‌ଆଇଟି କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ପିଲା ହଷ୍ଟେଲରେ ରହିବେ। ଅବଶିଷ୍ଟ ପିଲାଙ୍କର କୋଭିଡ ଟେଷ୍ଟ ଲାଗି ବ୍ୟବସ୍ଥା କରାଯାଉଛି ବୋଲି ରାଉରକେଲା ରେଜିଷ୍ଟ୍ରାର ପ୍ରଦୀପ କୁମାର ଦାଶ ସୂଚନା ଦେଇଛନ୍ତି । ବର୍ତ୍ତମାନ ଏନ୍‌ଆଇଟି କ୍ୟାମ୍ପସରେ ୨ହଜାର ଛାତ୍ରୀଛାତ୍ର ରହୁଥିବା ବେଳେ ସୋମବାର ରାତି ସୁଦ୍ଧା ୩୯୩ ଜଣଙ୍କ କୋଭିଡ ପରୀକ୍ଷା କରାଯାଇଛି । କୋଭିଡ ପରୀକ୍ଷା ଲାଗି ଅଧିକ ଟିମ୍ ନିୟୋଜିତ କରିବାକୁ ରେଜିଷ୍ଟ୍ରାର ଦାସ ଜିଲା ପ୍ରଶାସନକୁ ଅନୁରୋଧ କରିଛନ୍ତି । ରାଉରକେଲା ଅତିରିକ୍ତ ଜିଲାପାଳ ଏନ୍‌ଆଇଟିରେ କୋଭିଡ ସ୍ଥିତି ଉପରେ ନଜର ରଖିଛନ୍ତି ।

# ଗର୍ଜନବାହାଲ ଜଙ୍ଗଲରୁ ହାତୀର ଗଳିତ ମୃତଦେହ ଜବତ


ମୃତ ହାତୀ ।

ସୁନ୍ଦରଗଡ, ୩୦।୩ (ଡି.ଏନ.ଏ.)

ସୁନ୍ଦରଗଡ ଜିଲା ହେମଗିର ବ୍ଲକ କନିକା ରେଞ୍ଜ ଅନ୍ତର୍ଗତ ଗର୍ଜନବାହାଲ ଜଙ୍ଗଲ ମଧ୍ୟରୁ ଏକ ହାତୀର ଗଳିତ ମୃତଦେହ ଜବତ ହୋଇଛି। ଗତ ୨୭ ତାରିଖ ଦିନ ବନ ବିଭାଗ କର୍ମଚାରୀମାନେ ପାଟ୍ରୋଲିଂ କରିବା ବେଳେ ହାତୀଟି ଏହି ଜଙ୍ଗଲ ମଧ୍ୟରେ ମରି ପଡିଥିବା ଦେଖିବାକୁ ପାଇଥିଲେ। ଗତ ୪- ୫ ଦିନ ପୂର୍ବରୁ ଏହା ମରିଥିବା କୁହାଯାଉଛି। ଗତ ୨୮ ତାରିଖରେ କନିକା ରେଞ୍ଜ ଅଫିସର ବଲଜିତ ଡୁଙ୍ଗଡୁଙ୍ଗ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ସ୍ଥାନୀୟ ପ୍ରାଣୀଧନ ଚିକିତ୍ସକଙ୍କ ଦ୍ୱାରା ହାତୀର ବ୍ୟବଚ୍ଛେଦ କରାଯାଇଥିଲା। ହାତୀର ବୟସ ପ୍ରାୟ ୮ବର୍ଷ ହେବ । ହାତୀ ମୃତ୍ୟୁର କାରଣ ଜଣାପଡିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ବନ ବିଭାଗ ସୂତ୍ରରୁ ଜାଣିବାକୁ ମିଳିଛି। ସୂଚନାଯୋଗ୍ୟ ଯେ, ଏହା ମାଈ ନା ହାତୀ ବୋଲି ଜାଣିବାକୁ ମିଳିଛି।

# କାମ ନ କରି ଅର୍ଥ ଉଠାଣ

ବଡଗାଁ, ୩୦।୩ (ଡି.ଏନ.ଏ.)

**୨ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ**

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକର ଦୁଇଟି ପଞ୍ଚାୟତରେ ଉନ୍ନୟନ କାମ ନ ହୋଇ ଅର୍ଥ ଉଠାଣ ହୋଇଥିବା ଅଭିଯୋଗ ହୋଇଛି । ଏ ନେଇ ଦୁଇ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ହେଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ।

ପ୍ରକାଶ ଯେ, ଫୁଲବାରୀ ପଞ୍ଚାୟତର ମହାବୀର ପାହାଡ ତଳି କଙ୍କରାଝରନଠାରେ ଗତ ୧୦ ବର୍ଷ ପୂର୍ବେ ସୁନ୍ଦରଗଡ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ୫ ଲକ୍ଷ ଟଙ୍କା ବ୍ୟୟରେ ଏକ ଚେକ୍‌ଡ୍ୟାମ ନିର୍ମିତ ହୋଇଥିଲା । କିନ୍ତୁ ୨୦୧୮-୧୯ ବର୍ଷରେ ଏହି ପୁରୁଣା ଚେକ ଡ୍ୟାମ ଉପରେ ସିମେଣ୍ଟ ଘୋଳ ଢ଼ାଳି ଓ ପୂର୍ବରୁ ଥିବା ନାମଫଳକରେ ପଞ୍ଚାୟତ ସମିତି, ବଡଗାଁ ଦ୍ୱାରା କାମ ହୋଇଥିବା ଦର୍ଶାଇ ୩ ଲକ୍ଷ ୮୦ ହଜାର ଟଙ୍କା ଉଠାଣ ହୋଇଛି । ସେହିପରି ଇତମା ପଞ୍ଚାୟତର ନଡିଆପଡାରେ ରାସ୍ତା କାମ ନ କରି ନିକଟବର୍ତ୍ତୀ ଜଙ୍ଗଲରେ ବନ ବିଭାଗ ଦ୍ୱାରା ହୋଇଥିବା ପୁରୁଣା ରାସ୍ତା କାମକୁ ନୂତନ କାମ ଦର୍ଶାଯାଇଛି । ଏହାଛଡା ପୁରୁଣା ନାମଫଳକରେ ଇତମା ପଞ୍ଚାୟତର କାମ ଉଲ୍ଲେଖ କରି ଅର୍ଥ ଉଠାଣ ହୋଇଛି। ବିର୍ସୁ ଗ୍ରାମରେ ମଧ ପୋଖରୀ, ପାହାଚ ନିର୍ମାଣ ଓ ପଙ୍କ ଉଦ୍ଧାର କରା ନ ଯାଇ ଟଙ୍କା ଉଠାଣ କରାଯାଇଛି। ଏ ସମ୍ପର୍କରେ ଗ୍ରାମବାସୀ ତଳସରା ବିଧାୟକ ଭବାନୀଶଙ୍କର ଭୋଇ, ଜିଲାପାଳ, ପିଡି ଏବଂ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ପରେ ଗତ ଫେବୃୟାରୀ ମାସରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ବଡଗାଁ ଅଞ୍ଚଳ ଗସ୍ତରେ ଆସିଥିବା ବେଳେ ଗ୍ରାମବାସୀ ଏ ନେଇ ଲିଖିତ ଭାବେ ଜଣାଇଥିଲେ । କିନ୍ତୁ କୌଣସି ସୁଫଳ ମିଳିନାହିଁ। ସୂଚନାଯୋଗ୍ୟ ଯେ, ବିର୍ସୁ ଗ୍ରାମରେ ହୋଇଥିବା ଦୁର୍ନୀତି ନେଇ ତଦନ୍ତ ହେବା ପରେ ବ୍ଲକ କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ ରାଜେନ୍ଦ୍ର ବେହେରାଙ୍କୁ ବଦଳି କରାଯାଇଥିଲା । କିନ୍ତୁ ରାଜନୈତିକ ଚାପରେ ପ୍ରଶାସନ ତାଙ୍କ ବଦଳି ବାତିଲ କରିଥିବା ଜାଣିବାକୁ ମିଳିଛି।

# ମୃତବ୍ୟକ୍ତିଙ୍କ ଆକାଉଣ୍ଟରୁ ଟଙ୍କା ହଡ଼ପ ଅଭିଯୋଗ

ଦେବଗଡ଼,୩୦।୩(ଡ଼ି.ଏନ୍.ଏ.)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅନ୍ତର୍ଗତ ଗାଙ୍ଗନଣ ସେବା ସମବାୟ ସମିତିରେ ମୃତବ୍ୟକ୍ତିଙ୍କ ନାମରେ ଥିବା ଆକାଉଣ୍ଟ୍ ଚଞ୍ଚକତା ପୂର୍ବକ ନିୟମିତ ଭାବେ ପରିଚାଳନା କରିବା ସହ ସେଥିରୁ ମରୁଡି ବୀମାଟଙ୍କା ହଡପ କରାଯାଇଥିବା ଅଭିଯୋଗ ହୋଇଛି । ମଙ୍ଗଳବାର ଏ ସମ୍ପର୍କରେ ବଡଛାପଲ ପଞ୍ଚାୟତ ଅନ୍ତର୍ଗତ ବିଛଣାପୁର ଗ୍ରାମର ସ୍ୱର୍ଗତଃ କାତୁ ଠାକୁରଙ୍କ ପୁଅ ସଞ୍ଜୟ ଠାକୁର ଦେବଗଡ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହାର ନକଲ ଏଆର୍‌ସିଏସ୍ ଦେବଗଡସ୍ଥିତ ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ଓ ଦେବଗଡ ଭିଜିଲାନ୍ସ ଡିଏସ୍‌ପିଙ୍କୁ ପ୍ରଦାନ କରିଛନ୍ତି । ସଞ୍ଜୟଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ପିତା କାତୁ ଠାକୁରଙ୍କ ଗତ ୨୦୧୦ ମସିହା ଜୁଲାଇ ମାସ ୧୨ ତାରିଖରୁ ମୃତ୍ୟୁ ଘଟିସାରିଛି। ଏହାସତ୍ତ୍ୱେ ତାଙ୍କ କେ.ସି.ସି. ଆକାଉଣ୍ଟକୁ ୨୦୧୫-୧୬ ମସିହା ପର୍ଯ୍ୟନ୍ତ ରେଗୁଲାର କରାଯାଇଛି। ୨୦୧୫-୧୬ ବର୍ଷରେ ସରକାର ଘୋଷଣା କରିଥିବା ମରୁଡି ବାବଦୀୟ ବୀମା ଅର୍ଥକୁ ଚଞ୍ଚକତା କରି ଉଠାଇ ନିଆଯାଇଥିବା ସଞ୍ଜୟ ତାଙ୍କର ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି । ଏଥିସହ ଏ ଘଟଣାର ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ତାଙ୍କର ଅଭିଯୋଗ ପତ୍ରରେ ଜରିଆରେ ଦାବି କରିଛନ୍ତି। ଅଭିଯୋଗ ସମ୍ପର୍କରେ ଗାଙ୍ଗନଣ ସେବା ସମବାୟ ସମିତିର ସମ୍ପାଦକଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ୨ଦେଶୀ ବନ୍ଧୁକ ଜବତ: ୪ ଶିକାରୀ ଗିରଫ

ଦେବଗଡ଼,୩୦।୩(ଡ଼ି.ଏନ୍.ଏ.)


ବନ କର୍ମଚାରୀଙ୍କ ହେପାଜତରେ ଶିକାରୀମାନେ।

ଦେବଗଡ ବନାଞ୍ଚଳର ପ୍ରଧାନପାଟ ସଂରକ୍ଷିତ ଜଙ୍ଗଲରେ ପାଟ୍ରୋଲିଂ ବେଳେ ବନ କର୍ମଚାରୀ ୪ଜଣ ଶିକାରୀଙ୍କୁ ଗିରଫ କରିଛନ୍ତି। ସେମାନଙ୍କ ନିକଟରୁ ୨ଟି ଦେଶୀ ବନ୍ଧୁକ, ୫ ଗୁଳି ଓ ଶିକାର ପାଇଁ ଉଦ୍ଦିଷ୍ଟ ଟର୍ଚ୍ଚଲାଇଟ ଜବତ ହୋଇଛି । ବନାଞ୍ଚଳ ଅଧିକାରୀ ଦେବଦତ୍ତ ନନ୍ଦଙ୍କ ନିର୍ଦ୍ଦେଶରେ ବନରକ୍ଷୀ କାର୍ତ୍ତିକେଶ୍ୱର ଦେହୁରୀଙ୍କ ନେତୃତ୍ୱରେ ପ୍ରଧାନପାଟ ପ୍ରଟେକ୍ସନ ସ୍କ୍ୱାଡ ଓ ବନ କର୍ମଚାରୀ ପଟ୍ରୋଲିଂ ସମୟରେ କଇଦନ୍ତା ଗ୍ରାମ ନିକଟ ଜଙ୍ଗଲରେ ଶିକାର ଉଦ୍ଦେଶ୍ୟରେ ଗଛ ଉପରେ ମଞ୍ଚା ତିଆରି ହୋଇଥିବା ଦେଖିବାକୁ ପାଇଥିଲେ । କଇଦନ୍ତା ଜଙ୍ଗଲରେ ଦେବଗଡ ପୌରାଞ୍ଚଳ ବାବୁ ସାହିର ନରେଶ ଚନ୍ଦ୍ର ରାୟ(୭୦), ଭୂୟାଁ ସାହିର ସୁନିଲ କୁମାର ନାୟକ (୨୫) ଓ କୁଶ ନାଏକ (୩୮) ଏବଂ ମିରିଗିଡିଆ ସାହିର ଅଧିନ କୁଲା (୧୮) ଗୁଳି ଭର୍ତି ଦେଶୀ ବନ୍ଧୁକ ଧରି ଉକ୍ତ ମଞ୍ଚା ଆଡକୁ ଯାଉଥିବା ସମୟରେ ବନ କର୍ମଚାରୀ ସେମାନଙ୍କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ସେମାନଙ୍କ ନିକଟରୁ ୨ ଟି ଗୁଳିଭର୍ତ୍ତି ଦେଶୀ ବନ୍ଧୁକ, ଏକ ଟର୍ଚ୍ଚ ଲାଇଟ ଓ ୫ ଗୁଳି ଜବତ କରିଥିଲେ। ଅଭିଯୁକ୍ତମାନଙ୍କୁ ବନ କାର୍ଯ୍ୟାଳୟକୁ ଆଣି ପଚରାଉଚୁରା କରିବାରୁ ସେମାନେ ଜନ୍ତୁ ଶିକାର ପାଇଁ ଜଙ୍ଗଲକୁ ଯାଇଥିବା ସ୍ୱୀକାର କରିଥିଲେ। ବନ୍ୟ ଜନ୍ତୁ ସଂରକ୍ଷଣ ଆଇନର ବିଭିନ୍ନ ଦଫାରେ ଏକ ମାମଲା ରଜୁକରି ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି।

# ଭୁତୁଡ଼ାରେ ଜନସମ୍ପର୍କ ଶିବିର

ଲହୁଣୀପଡା, ୩୦।୩ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଭୁତୁଡା ପଞ୍ଚାୟତର ଉପର ଖଣ୍ଡାଧାରଠାରେ ରାଉରକେଲା ପୋଲିସ ଜିଲା ତରଫରୁ ଏକ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୟଦ ମୁଜ୍ଜିବିର ରେହେମାନ, ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ପୋଲିସ ଅଧିକାରୀ ସୌରଭ ଓଟ୍ଟା, ଓଡିଶା ଖଣି ନିଗମର ଆଞ୍ଚଳିକ ପ୍ରବନ୍ଧକ ଅବନୀ କାନ୍ତ ପ୍ରଧାନ, ଟେନସା ପଞ୍ଚାୟତ ସରପଞ୍ଚ ଅନିତା ପୂର୍ତ୍ତି ଯୋଗ ଦେଇଥିଲେ। ଲହୁଣୀପଡା ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ଅଧ୍ୟକ୍ଷତା କରିଥିଲେ । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକଙ୍କୁ ଜୀବିକା ନିର୍ବାହର ମୁଖ୍ୟସ୍ରୋତରେ ସାମିଲ କରିବା, ପୋଲିସ ଓ ଲୋକଙ୍କ ମଧ୍ୟରେ ଥିବା ଦୂରତାକୁ ହ୍ରାସ କରିବା, କ୍ରୀଡା ଓ କଳାକୁ ଉତ୍ସାହିତ କରିବା ଏବଂ ପ୍ରତ୍ୟେକ କ୍ଷେତ୍ରରେ ପୋଲିସ ସହିତ ସୁସମ୍ପର୍କ ସ୍ଥାପନ କରିବା ଏହି ଜନସମ୍ପର୍କ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

ଏହି ଅବସରରେ ୧୯ଟି ହକି ଦଳ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ଆରସି କ୍ଲବ ବରସୁଆଁ ଚାମ୍ପିୟାନ ହୋଇଥିଲା । ସେହିପରି ଭଲିବଲ ପ୍ରତିଯୋଗିତାରେ ଖଣ୍ଡାଧାର ଦଳ ଚାମ୍ପିୟାନ ହୋଇଥିଲା। ଏଥିସହିତ ଏକ ପାରମ୍ପାରିକ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା । ପରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଲହୁଣୀପଡା ଡାକ୍ତରଖାନାର ଡା. ଚିନ୍ମୟ ସାହୁ ଓ ତାଙ୍କ ସହଯୋଗୀ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ପ୍ରଦାନ କରିଥିଲେ । ଟେନସା ଫାଣ୍ଡି ଅଧିକାରୀ ଅଶୋକ କୁମାର ବେହେରାଙ୍କ ପରିଚାଳନାରେ ଓ ଅନ୍ୟ ପୋଲିସ କର୍ମଚାରୀଙ୍କ ସହଯୋଗରେ ଏହି ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଥିଲା ।

# ହାତଖର୍ଚ୍ଚ ପାଇଁ ଟଙ୍କା ନ ଦେବାରୁ ମା’ଙ୍କୁ ହତ୍ୟା

ଦେବଗଡ଼, ୩୦।୩(ଡ଼ି.ଏନ୍.ଏ.)

**ମାତୃହନ୍ତା ପୁଅ ଗିରଫ**

ହାତଖର୍ଚ୍ଚ ପାଇଁ ଟଙ୍କା ନଦେବାରୁ ଜଣେ ଯୁବକ ତାଙ୍କ ମାଙ୍କୁ ହତ୍ୟା କରିଛନ୍ତି। ଦେବଗଡ ଜିଲା ରିଆମାଳ ଥାନା କଂସର ଫାଣ୍ଡି ଅନ୍ତର୍ଗତ କାଳଚିପୁଡାଡିହୀ ଗ୍ରାମରେ ଏହିଭଳି ଘଟଣା ଘଟିଛି। ପୋଲିସ ସୂଚନା ଅନୁଯାୟୀ ଗତ ଶନିବାର ସନ୍ଧ୍ୟାରେ ଗ୍ରାମର ସ୍ୱର୍ଗତ ଲକ୍ଷ୍ମଣ ଦେହୁରୀଙ୍କ ପୁଅ ହେମନ୍ତ ଦେହୁରୀ(୪୦) ମା’ ତୁଳସା ଦେହୁରୀ(୭୫)ଙ୍କୁ ହାତଖର୍ଚ୍ଚ ପାଇଁ କିଛି ଟଙ୍କା ମାଗିଥିଲେ। ଟଙ୍କା ଦେବାକୁ ଅକ୍ଷମତା ପ୍ରକାଶ କରିବା ସହ କିଛି କାମଧାମ କରି ଅର୍ଥ ରୋଜଗାର କରିବାକୁ ହେମନ୍ତଙ୍କୁ କହି ତୁଳସା ଶୋଇବାକୁ ଯାଇଥିଲେ । କିଛି ସମୟ ପରେ ହେମନ୍ତ ଏକ ପଥରରେ ବିଛଣାରେ ଶୋଇଥିବା ଅବସ୍ଥାରେ ତୁଳସାଙ୍କ ମୁଣ୍ଡରେ ଛେଚି ଦେଇଥିଲେ। ପରେ ହେମନ୍ତ ଉକ୍ତ ଗ୍ରାମରେ ରହୁଥିବା ନିଜ ଭଉଣୀ ସଞ୍ଜୁକ୍ତାଙ୍କ ଘରକୁ ଯାଇ ଏ କଥା ଜଣାଇ ସେଠାରୁ ଫେରାର ହୋଇଯାଇଥିଲେ। ସଂଯୁକ୍ତା ପଡୋଶୀଙ୍କ ସହାୟତାରେ ଗୁରୁତର ଆହତ ମା’ଙ୍କୁ ଚିକିତ୍ସା ନିମନ୍ତେ ସମ୍ବଲପୁର ଜିଲା କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ବିଳମ୍ବିତ ରାତିରେ ଚିକିତ୍ସାଧିନ ଅବସ୍ଥାରେ ତୁଳସାଙ୍କର ମୃତ୍ୟୁ ଘଟିଥିଲା। ସୋମବାର ରିଆମାଳ ଥାନାରେ ସଂଯୁକ୍ତାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ଅଭିଯୁକ୍ତ ପୁଅ ହେମନ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ।

# ଆନ୍ଦୋଳନକୁ ଓହ୍ଲାଇଲେ ଛାତ୍ରୀଛାତ୍ର

ଝାରସୁଗୁଡ଼ା ଅଫିସ,୩୦।୩


ସ୍କୁଲ୍ ପରିସରରେ ଛାତ୍ରୀଛାତ୍ର ଧାରଣାରେ ବସିଛନ୍ତି ।

**ଝାରସୁଗୁଡ଼ା ଇଞ୍ଜିନିୟରିଂ ସ୍କୁଲ୍‌ରେ ଅଫ୍‌ଲାଇନ ପରୀକ୍ଷାକୁ ବିରୋଧ**

ଝାରସୁଗୁଡ଼ା ବଢେଇମୁଣ୍ଡାସ୍ଥିତ ଇଞ୍ଜିନିୟରିଂ ସ୍କୁଲ୍‌ରେ ଗତ ଶନିବାର ୨୧ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ ୧୩ ଶିକ୍ଷକ, କର୍ମଚାରୀ ଓ ୮ଛାତ୍ରୀଛାତ୍ର ରହିଛନ୍ତି। ଶିକ୍ଷକ ଓ କର୍ମଚାରୀମାନେ ଗୃହ ସଙ୍ଗରୋଧରେ ରହିଥିବାବେଳେ ଛାତ୍ରୀଛାତ୍ର ସ୍କୁଲ୍ ହଷ୍ଟେଲ୍ ସଙ୍ଗରୋଧରେ ରହିଛନ୍ତି। ଏଭଳି ସ୍ଥିତିରେ ସ୍କୁଲ୍ ତରଫରୁ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଅଫ୍‌ଲାଇନ୍‌ରେ ହେବାକୁ ରହିଛି । ଏହାକୁ ବିରୋଧ କରି ଛାତ୍ରୀଛାତ୍ର ମଙ୍ଗଳବାର ସ୍କୁଲ୍ ପରିସରରେ ବିଭିନ୍ନ ସ୍ଲୋଗାନଦେଇ ଟାୟାର ଜାଳି ଧାରଣାରେ ବସିଥିଲେ। ସେମାନଙ୍କ ପ୍ରମୁଖ ଦାବି ମଧ୍ୟରେ କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ସମ୍ପୂର୍ଣ୍ଣ ସ୍କୁଲ୍‌କୁ ସାନିଟାଇଜ କରିବା, ଛାତ୍ରୀଛାତ୍ରଙ୍କୁ କୋଭିଡ୍ ନେଗେଟିଭ୍ ରିପୋର୍ଟ ପ୍ରଦାନ, ଅନ୍‌ଲାଇନ୍‌ରେ ପାଠପଢା ସାଙ୍ଗକୁ ପରୀକ୍ଷା କରାଯିବା ଆଦି ଅନ୍ୟତମ। ସ୍କୁଲ୍ ଅଧ୍ୟକ୍ଷା ପ୍ରଗତି ଦାସ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିଥିଲେ। ହେଲେ ଆନ୍ଦୋଳନକାରୀ ନିଜ ଜିଦ୍‌ରେ ଅଟଳ ରହି ଧାରଣାରେ ବସିରହିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଛାତ୍ରୀଛାତ୍ର ଚେତାବନୀ ଦେଇଛନ୍ତି। ଏ ନେଇ ସ୍କୁଲ୍ ଅଧ୍ୟକ୍ଷା ଦାସ କହିଛନ୍ତି, ଏହା ସରକାରୀ ଅନୁଷ୍ଠାନ। ଏ ସମ୍ପର୍କରେ ସ୍କୁଲ୍ କର୍ତ୍ତୃପକ୍ଷ କୌଣସି ନିଷ୍ପତ୍ତି ନେଇପାରିବେ ନାହିଁ । ଛାତ୍ରୀଛାତ୍ରଙ୍କ ଦାବି ସମ୍ପର୍କରେ କାଉନସିଲ୍‌କୁ ଜଣାଇ ଦିଆଯାଇଛି । କାଉନ୍‌ସିଲ୍ ଯାହା ନିଷ୍ପତ୍ତି ନେବ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୩୧ ମାର୍ଚ୍ଚ, ୨୦୨୧

## ବନ୍ଧରୁ ମିଳିଲା ଯୁବକଙ୍କ ମୃତଦେହ

ବଲାଙ୍ଗୀର ଅଫିସ: ବଲାଙ୍ଗୀର ରୁଗୁଡିପଡା ନିବାସୀ ତଥା ସ୍ଥାନୀୟ ସିଭିଲ କୋର୍ଟରେ କନିଷ୍ଠ କିରାଣୀ ଭାବେ କାର୍ଯ୍ୟରତ ସମୀର ରଞ୍ଜନ ପ୍ରଧାନଙ୍କ ମୃତଦେହକୁ ସୋମବାର ଶିବତଲା ଗ୍ରାମ ନିକଟ ଏକ ବନ୍ଧରୁ ଉଦ୍ଧାର କରାଯାଇଥିଲା । ହୋଲିଖେଳ ପରେ କେତେକ ସାଙ୍ଗଙ୍କ ସହ ସେଠାକୁ ଭେଜି କରିବାକୁ ସମୀର ଯାଇଥିଲେ । ସେଠାରେ ଗାଧୋଇବାବେଳେ ପାଣିରେ ବୁଡିଯାଇ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଇଛି । ପରେ ବନ୍ଧରୁ ତାଙ୍କ ମୃତଦେହ ଜବତ କରାଯାଇ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ଆଣିଥିଲେ । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି । ପ୍ରାୟ ଦେଢ଼ମାସ ତଳେ ସମୀରଙ୍କ ବିବାହ ସମ୍ପନ୍ନ ହୋଇଥିଲା।। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।



**ସଂକ୍ଷେପରେ**

## ମହାନଦୀରେ ବୁଡ଼ି ଛାତ୍ର ମୃତ

**ହୋଲି ଗାଧୁଆ ହେଲା କାଳ**

ସୋନପୁର,୩୦।୩(ନି.ପ୍ର.): ସୁବର୍ଣ୍ଣପୁର ସହରର ମହାନଦୀରେ ବୁଡି ସୋମବାର ଛାତ୍ର ସୁମିତ ମେହେର(୧୬)ଙ୍କ ମୃତ୍ୟୁ ଘଟିଛି। ସୁମିତ ହୋଲି ଖେଳି ସାରି ମହାନଦୀ ବ୍ରିଜ୍ ତଳ ଘାଟକୁ ମଧାହ୍ନରେ ଗାଧୋଇବାକୁ ଯାଇଥିଲେ। ସମ୍ପର୍କିୟଙ୍କ ସହିତ ଗାଧୋଇବା ସମୟରେ ତାଙ୍କ ଗୋଡ ଖସି ଯାଇଥିଲା। ସେ ପାଣିର ଗଭୀର ସ୍ରୋତରେ ଭାସି ଯାଇଥିଲେ। କିଛି ସମୟ ପରେ ସୁମିତଙ୍କୁ ଉଦ୍ଧାର କରି ପରିବାର ଲୋକେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ହେଲ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୁମିତ ସୋନପୁର ଆଇଡିଆଲ ପବ୍ଲିକ ସ୍କୁଲରେ ଦଶମ ଶ୍ରେଣୀରେ ପଢୁଥିଲେ। ତାଙ୍କ ଘର ସୋନପୁର ବ୍ଲକ ଛକରେ। ଏହି ଦୁଃଖଦ ଘଟଣାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୋନପୁର ଟାଉନ ପୋଲିସ ବ୍ୟବଚ୍ଛେଦ କରାଇ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି ।

## ବାଲି ଚୋରା ଚାଲାଣ, ୬ ଟ୍ରାକ୍ଟର ଜବତ

ଉଲୁଣ୍ଡା, ୩୦।୩ (ଡି.ଏନ.ଏ):ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଅଞ୍ଚଳରେ ବାଲି ଚୋରା ଚାଲାଣ ବେଳେ ରାଜସ୍ୱ ବିଭାଗ ତରଫରୁ ଚଡାଉ କରାଯାଇ ୬ଟି ଟ୍ରାକ୍ଟର ଜବତ କରାଯାଇଛି। ସୋନପୁର ପଟୁ ଉଲୁଣ୍ଡା ଆଡକୁ ବାଲି ଚୋରା ଚାଲାଣ ହେଉଥିବା ଖବର ପାଇ ଉଲୁଣ୍ଡା ଏଆରଆଇ ମୁକୁନ୍ଦ ମେହେର ସକାଳ ପ୍ରାୟ ୬ଟାରେ ପୋଡକିରାଠାରେ ଚଢ଼ାଉ କରାଯାଇଥିଲା। ଏଥି ମଧ୍ୟରୁ ୪ଟିରୁ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା । ବାକି ଦୁଇଟିର ରାଜସ୍ୱ ଅନାଦେୟ ହେତୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ପୂର୍ଣ୍ଣଚନ୍ଦ୍ର ନାଏକ ପ୍ରକାଶ କରିଛନ୍ତି ।

## ଭାଜପା ନଗର ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ

ସୋନପୁର,୩୦।୩(ନି.ପ୍ର.): ଭାଜପା ସୋନପୁର ନଗର ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ ଟାଉନ ହଲରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଜଗଜ୍ୟୋତି ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଦଳର ସାଙ୍ଗଠନିକ ସ୍ଥିତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦଳକୁ ତୃଣମୂଳସ୍ତରରେ ସୁଦୃଢ କରିବା ନେଇ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ସୁବର୍ଣ୍ଣପୁର ସହରର ବିକାଶ ଓ କେନ୍ଦ୍ରୀୟ ଯୋଜନାର ସଠିକ୍ ବିନିଯୋଗ ଉପରେ ଆଲୋଚନା ହୋଇଥିଲା। ପ୍ରଶାସନିକ ଶିଥିଳତା ଓ ଉନ୍ନୟନମୂଳକ କାର୍ଯ୍ୟରେ ଦୁର୍ନୀତି ବିରୋଧରେ ରାଜନୈତିକ ଚିଠା ପ୍ରସ୍ତାବ ଆଗତ ହୋଇଥିଲା। ଦଳ ସହରର ବିଭିନ୍ନ ସମସ୍ୟାକୁ ନେଇ ଆନ୍ଦୋଳନ କରିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ମଣ୍ଡଳ ପ୍ରଭାରୀ ଦଶରଥ ମିଶ୍ର, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ସାହୁ, ସୁରେଶ ଚନ୍ଦ୍ର ବିଶ୍ୱାଳ, ଗଣେଷ ସାହୁ, ବିକ୍ରମ ମିଶ୍ର, ଦେବାଶିଷ ପୂଝାରୀ, ଧରମରାଜ ମଲ୍ଲିକ, ଯୁବ ମୋର୍ଚ୍ଚା ସଭାପତି ଗଙ୍ଗା ତରିଆ, ମନୋଜ କୁମ୍ଭାର, ସଂଗ୍ରାମ କୁମ୍ଭାର, ବାବୁଲୁ ସାଗର, ଦେବ ମହାପାତ୍ର ଓ ଜିଲା ମହିଳା ମୋର୍ଚ୍ଚା ସଭାପତି ସଂଯୁକ୍ତା ହୋତା ପ୍ରମୁଖ ଉପସ୍ଥିତ ଥିଲେ।

## ଶୀତଳ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ଦାବି

ଦେଓଗାଁ,୩୦।୩ (ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ନିର୍ମାଣାଧୀନ ଶୀତଳ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ପାଇଁ ସ୍ଥାନୀୟ ଯୁବ ସଂଗଠନ ଦାବି କରିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ଏସଏଫସି ପାଣ୍ଠିରୁ ୧ଲକ୍ଷ ୪୦ ହଜାର ଟଙ୍କା ବ୍ୟୟରେ ପ୍ରକଳ୍ପ କାମ ଆରମ୍ଭ ହୋଇଥିଲା। ଉକ୍ତ ଅର୍ଥରେ କେବଳ ଗୃହ ନିର୍ମାଣ ସରିଛି। ହେଲେ ଟଙ୍କା ଅଭାବରୁ ଏ ପର୍ଯ୍ୟନ୍ତ ଉକ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ବର୍ତ୍ତମାନ ପ୍ରଚଣ୍ଡ ଖରା ଆରମ୍ଭ ହୋଇଥିବା ବେଳେ ଉକ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରୁ ନ ଥିବାରୁ ପଞ୍ଚାୟତବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସ୍ଥାନୀୟ ଯୁବ ସଂଗଠନର ରମେଶ କୁମାର ମହାପାତ୍ର, ରାଜେନ୍ଦ୍ର ବିଶ୍ୱାଳ, ଆଲୋକ ପଧାନ, ରଞ୍ଜିତ ପଧାନ, ଶରତ ସେଠ, ଶମ୍ଭୁ ଭୂଷଣ ସାହୁ ପ୍ରମୁଖ ତୁରନ୍ତ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାକୁ ବ୍ଲକ ପ୍ରଶାସନକୁ ଲିଖିତ ଭାବେ ଦାବି କରିଛନ୍ତି। ଏ ନେଇ ସରପଞ୍ଚ ପ୍ରମୋଦିନୀ ନାଏକଙ୍କୁ ପଚାରିବାରୁ ଉକ୍ତ ପ୍ରକଳ୍ପରେ ଫ୍ରିଜର ଲଗାଇବାପାଇଁ ଟଙ୍କା ନାହିଁ। ଟଙ୍କା ମଞ୍ଜୁର ହେଲେ ସମ୍ପୂର୍ଣ୍ଣକରଣ କରାଯିବ ବୋଲି କହିଥିଲେ।



ଔଷଧୀୟ ଉଦ୍ୟାନ ପରିସରରେ ନିଆଁ ଲଗାଇ ପୋଡ଼ାଯାଇଥିବା ସ୍ଥାନ ।



ଔଷଧୀୟ ଉଦ୍ୟାନ ପରିସରରେ ହଳ କରାଯାଇଥିବା ସ୍ଥାନ ।

# ସତ୍ତା ହରାଇଲା ଔଷଧୀୟ ଉଦ୍ୟାନ

ବରଗଡ଼ ଅଫିସ/ପାଇକମାଲ,୩୦।୩

ବରଗଡ଼ ଜିଲା ପାଇକମାଲ ବ୍ଲକ ନୃସିଂହନାଥ ଫରେଷ୍ଟ ଅଫିସକୁ ଲାଗି ରହିଥିବା ଔଷଧୀୟ ଉଦ୍ୟାନ ସତ୍ତା ହରାଇଛି। ସେଠାରେ ରହିଥିବା ଔଷଧୀୟ ଗଛ ସବୁ ନଷ୍ଟ ହୋଇଯାଇଥିବା ଦର୍ଶାଇ ଖୋଦ୍ ବନ କର୍ମଚାରୀମାନେ ସେହି ସ୍ଥାନରେ ନିଆଁ ଲଗାଇବା ସହିତ ହଳ କରି ଦେଇଛନ୍ତି। ଏହି ଘଟଣାକୁ ନେଇ ପରିବେଶପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ଏ ସମ୍ପର୍କରେ ଜାଣିବାକୁ ନୃସିଂହନାଥ ରେଞ୍ଜର ଗିରିଧାରୀ ପ୍ରଧାନଙ୍କୁ ତାଙ୍କ ମୋବାଇଲ (ନଂ.୯୪୩୮୩୧୦୮୦୩)ରେ ଯୋଗାଯୋଗ କରାଯାଇଥିଲା। ମାତ୍ର ସମ୍ଭବ ହୋଇ ନ ଥିଲା। ସ୍ଥାନୀୟ ଫରେଷ୍ଟର ଲୋକେଶ ପ୍ରଧାନଙ୍କୁ ପଚାରିବାରୁ ସେ କହିଥିଲେ, ଏସିଏଫ ଆଶୁତୋଷ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ସେହି ସ୍ଥାନକୁ ସଫାସୁତୁରା କରାଯାଇଛି। ସେଠାରେ କୌଣସି ଔଷଧୀୟ ଗୁଳ୍ମ କିମ୍ୱା ବୃକ୍ଷ ନ ଥିଲା। ଲଟାବୁଦାରେ ପରିପୂର୍ଣ୍ଣ ହୋଇଥିବାରୁ ତାକୁ ସଫା କରାଯାଇଛି। ସେଠାରେ ଆମ୍ବ ଅଦା, ପାଲୁଅ ଥିଲା। ସେଗୁଡିକୁ ସଂଗ୍ରହ କରି ରଖାଯାଇଛି ବୋଲି ସେ କହିଥିଲେ।

ପ୍ରକାଶ ଯେ, ୨୦୦୪ରେ ଷ୍ଟେଟ ମେଡ଼ିଶିନାଲ ପ୍ଲାଣ୍ଟ ବୋର୍ଡ଼ (ଏସ୍‌ଏମ୍‌ପିବି) ଏବଂ ସ୍ୱାସ୍ଥ୍ୟ କଲ୍ୟାଣ ବିଭାଗ ପକ୍ଷରୁ ପ୍ରାୟ ଅଢ଼େଇ କୋଟି ଟଙ୍କା ବ୍ୟୟ ଅଟକଳରେ ଗନ୍ଧମାର୍ଦ୍ଦନର ହରିଶଙ୍କର ଏବଂ ନୃସିଂହନାଥ ଅଞ୍ଚଳରେ ଗନ୍ଧମାର୍ଦ୍ଦନ ବନସ୍ପତି ବନ ପ୍ରକଳ୍ପ ନାମରେ ୨ଶହ କିସମର ଔଷଧୀୟ ବୃକ୍ଷ, ଗୁଳ୍ମ ରୋପଣ କରାଯାଇଥିଲା। ଏହା ସହିତ ସେତେବେଳେ ନୃସିଂହନାଥ ଫରେଷ୍ଟ ଅଫିସ ପାଖରେ ଏକ ଔଷଧୀୟ ଉଦ୍ୟାନ କରାଯାଇଥିଲା ଏବଂ ସେହି ଉଦ୍ୟାନରେ ସେହି ଔଷଧୀୟ ବୃକ୍ଷ, ଗୁଳ୍ମର ନମୁନା ଗୁଡ଼ିକ ରହିଥିଲା। ତାକୁ ରକ୍ଷଣାବେକ୍ଷଣ କରିବାକୁ ନିର୍ଦ୍ଦେଶ ରହିଥିଲେ ସୁଦ୍ଧା ସେଥିପ୍ରତି ଅଣଦେଖା କରାଯାଉଥିଲା। ଫଳସ୍ୱରୂପ ସେଠାରେ ଥିବା ଔଷଧୀୟ ବୃକ୍ଷ, ଗୁଳ୍ମ ନଷ୍ଟ ହେବାରେ ଲାଗିଥିଲା। ତଥାପି ଅନେକ ଔଷଧୀୟ ବୃକ୍ଷ, ଗୁଳ୍ମ ସେହି ଉଦ୍ୟାନରେ ରହିଥିଲା ଏବଂ ତାହା ପର୍ଯ୍ୟଟକ, ଆୟୁର୍ବେଦିକ ଡାକ୍ତରୀ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରୁଥିଲା। ଏପରିକି ନୃସିଂହନାଥ ଆୟୁର୍ବେଦିକ କଲେଜର ଛାତ୍ରୀଛାତ୍ରଙ୍କୁ ସେଠାକୁ ଅଣାଯାଇ ଔଷଧୀୟ ବୃକ୍ଷ, ଗୁଳ୍ମ ଉପରେ ଶିକ୍ଷା ଦିଆଯାଉଥିଲା।

ସେଠାରେ ଥିବା ଔଷଧୀୟ ବୃକ୍ଷ ଚିହ୍ନଟ ପାଇଁ ପୃଥକ ଭାବେ ନାମ ଲେଖାଥିବା ବୋର୍ଡ଼ ରହିଥିଲା। କିନ୍ତୁ ଏବେ ସେସବୁ ନାହିଁ। ସେହି ସ୍ଥାନକୁ ହଳ କରି ସମତୁଲ କରିବା ପରେ ତାହା ହଜି ଯାଇଛି। କାଁ ଭାଁ କେତୋଟି ବୋର୍ଡ଼, ଔଷଧୀୟ ବୃକ୍ଷକୁ ଛାଡ଼ି ଦେଲେ ସେହି ଉଦ୍ୟାନ ବହୁ କିସମର ଗୁଳ୍ମ, ବୃକ୍ଷକୁ ହରାଇଛି। ଏ ସମ୍ପର୍କରେ ପ୍ରକୃତିବନ୍ଧୁ ଡଃ ଡୋଲାମଣି ଶତପଥି କହିଛନ୍ତି, ଔଷଧୀୟ ଉଦ୍ୟାନରୁ ବହୁ ଲୋକ ଜ୍ଞାନ ଆହରଣ କରୁଥିଲେ। ଏପରିକି ସେଠାରୁ ଔଷଧୀୟ ବୃକ୍ଷ, ଗୁଳ୍ମ ଆଣି ସ୍କୁଲ ଗୁଡ଼ିକରେ ଲଗାଯାଇଛି। ଯଦି ସେହି ଉଦ୍ୟାନକୁ ନଷ୍ଟ କରି ଦିଆଯାଇଛି, ତାର ପୁନରୁଦ୍ଧାର କରାଯାଉ ବୋଲି ଶତପଥି କହିଛନ୍ତି। ସେହିପରି ପରିବେଶ ସୁରକ୍ଷା କରିବା ବନ ବିଭାଗର କର୍ତ୍ତବ୍ୟ। କିନ୍ତୁ ଖୋଦ୍ ବନ ବିଭାଗ ଯଦି ଔଷଧୀୟ ବୃକ୍ଷ ନଷ୍ଟ କରୁଛି, ତାହା ଦୁର୍ଭାଗ୍ୟଜନକ ବୋଲି ପରିବେଶବିତ୍ ବୈଲୋଚନ ପ୍ରଧାନ କହିଛନ୍ତି ।

## ବିଦ୍ୟୁତ୍ ଖୁଣ୍ଟରେ ପିଟିହେଲା ବାଇକ, ଚାଳକ ମୃତ

ବିନିକା,୩୦।୩(ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ଗାଁ କଲୋନୀ ପଡାରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ଭାରସାମ୍ୟ ହରାଇ ଏକ ବାଇକ ପିଟି ହୋଇଯିବାରେ ସୋମବାର ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସିଂଘିଯୁବା ଗାଁର ମକରଧ୍ୱଜ ସୁନା(୨୭)। ହୋଳି ଖେଳିଲା ପରେ ବାଇକ୍‌ରେ ଘରକୁ ଫେରିବା ବେଳେ ଦୁର୍ଘଟଣା ଘଟିଥିଲା। ମକରଧ୍ୱଜ ୧୦ମାସ ତଳେ ବିବାହ କରିଥିଲେ।

## ପଞ୍ଚାୟତ ସମିତି ହାଇସ୍କୁଲର ଉନ୍ନୟନକୁ ନେଇ ବୈଠକ

ଦେଓଗାଁ,୩୦।୩ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲର ଉନ୍ନୟନକୁ ନେଇ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଅମ୍ବରିଶ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକ ଅଧ୍ୟକ୍ଷା ରୀନା ମେହେର, ଏହି ହାଇସ୍କୁଲକୁ ପୋଷ୍ୟ ହାଇସ୍କୁଲ ଭାବେ ଗ୍ରହଣ କରିଥିବା ପୂର୍ବତନ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର, ବ୍ଲକ ବିଜୁ ଯୁବ ଜନତାଦଳ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ବ୍ଲକ ସହାକାରୀ ଯନ୍ତ୍ରୀ ମୋହନ ମହାଲିକ, ଯନ୍ତ୍ରୀ ପ୍ରଭାତ କୁମାର ରଥ, ଜ୍ୟୋତି ରଞ୍ଜନ ମହାନ୍ତି, ଜି.ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ହାଇସ୍କୁଲର ସାମଗ୍ରିକ ବିକାଶ ପାଇଁ ପ୍ରାୟ ୩କୋଟି ଟଙ୍କାର ଏକ କାର୍ଯ୍ୟ ଖସଡା ପ୍ରସ୍ତୁତ କରାଯାଇଥିଲା। ବୈଠକରେ ଶିକ୍ଷକ ବିଭୂତି ଭୂଷଣ ବେହେରା, ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ, କାର୍ତ୍ତିକ ମଲ୍ଲିକ, ପ୍ରଶାନ୍ତ ପାଣ୍ଡେ ପ୍ରମୁଖ ଛାତ୍ର ଉପସ୍ଥିତ ଥିଲେ।

## ଓସିଏ ଭିଜନ ୨୦୨୪ ଲିଗ୍: ଏସ୍‌ଡିସିଏ ଜି ବିଜୟୀ



ଅତିଥିଙ୍କ ସହ ଖେଳାଳିମାନେ ।

ଉଲୁଣ୍ଡା, ୩୦।୩ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା କ୍ରିକେଟ ପଡିଆରେ ଓଡିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଏବଂ ସୋନପୁର ଜିଲା କ୍ରିକେଟ ଆସୋସିଏଶନ ସହଯୋଗରେ ଆୟୋଜିତ ହେଉଥିବା ଓସିଏ ଭିଜନ- ୨୦୨୪ ଲିଗର ମଙ୍ଗଳବାର ଖେଳରେ ଏସଡିସିଏ- ଜି ଦଳ ଏସଡିସିଏ- ଡି ଦଳକୁ ୬୮ ରନରେ ପରାସ୍ତ କରିଛି। ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ଜି ଦଳ ୪୮ ଓଭରରେ ୨୩୮ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ରାଜେଶ ସାହୁ ସର୍ବାଧିକ ୫୨ରନ ସଂଗ୍ରହ କରିଥିଲା। ବିପକ୍ଷ ଦଳର ବୁଲୁ ମେହେର ୩ ଉଇକେଟ ହାସଲ କରିଥିଲେ। ଏହାର ଜବାବରେ ଡି ଦଳ ୨୩୯ ରନର ବିଜୟ ଲକ୍ଷ୍ୟ ନେଇ ଖେଳି ୨୭ଓଭରରେ ୧୭୦ ରନ କରି ଅଲଆଉଟ୍ ହୋଇ ପରାସ୍ତ ହୋଇଥିଲା। ଦଳର କିଷନ ସାଗର ସର୍ବାଧିକ ୪୯ରନ କରିଥିବା ବେଳେ ବିପକ୍ଷ ଜି ଦଳର ସୁନୀଲ ସେବକ ଓ ଭକ୍ତ ଦେହେରୀ ୩ଟି ଲେଖାଏ ଉଇକେଟ ନେଇଥିଲେ। ସୁରେଶ ବିଶି ଓ ସବ୍ୟସାଚୀ ପଧାନ ଖେଳ ପରିଚାଳନା, ଦିନେଶ ଘିବିଲା ସ୍କୋରିଂ କରିଥିଲେ। ବିସିଏ ଉଲୁଣ୍ଡାର ପ୍ରଥମ ଅଧିନାୟକ ରାମଗୋପାଳ ମହାପାତ୍ର ଓ ବନପାଳ ଦିନେଶ ମାଝୀ ଅତିଥି ଭାବେ ଯୋଗଦେଇଥିଲେ ।

## ୨୦ମିଟର ରାସ୍ତା କାମ ନ କରି ଛାଡ଼ିଦେଲେ

ବିନିକା, ୩୦।୩(ଡି.ଏନ୍.ଏ.)

**ଯାତାୟାତ ବେଳେ ଲୋକେ ହଟହଟା**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଭଣ୍ଡାର ପଞ୍ଚାୟତ ଅଧିନ ଝାରକଦଳୀ ଗ୍ରାମକୁ ଲମ୍ବିଥିବା ୨କିମି ମାଟି ରାସ୍ତା କାମ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ କରାଯାଇଛି। ଜିଲା ଗ୍ରାମ ନିର୍ମାଣ ବିଭାଜନ ସୋନପୁର ନିର୍ବାହୀ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନକ୍ରମେ କରାଯାଇଥିବା ଏହି କାମର କାର୍ଯ୍ୟାଦେଶ ସରୋଜିନୀ ବେଦବାକ ନାମକ ଜଣେ ଠିକାଦାର କରିଥିବା ସୂଚନା ଫଳକରେ ଦର୍ଶାଯାଇଛି। ୬୯ଲକ୍ଷ ୧୩ ହଜାର ଟଙ୍କା ବ୍ୟୟ ଅଟକଳରେ ରାସ୍ତା କାମ ହୋଇଛି। ଫଳକରେ ଦର୍ଶାଯାଇଥିବା ସୂଚନା ମୁତାବକ ରାସ୍ତା କାମ ସମ୍ପୂର୍ଣ୍ଣ ହୋଇ ନ ଥିବା ଚୁଲିମାଲ ଓ କଦଳୀପାଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୨କିମି ନିର୍ମାଣ ହେବାକୁ ଥିବାବେଳେ ୨୦ମିଟର ରାସ୍ତାର ନିର୍ମାଣ ନ କରି ଠିକାଦାର କାମ ବନ୍ଦ କରିଦେଇଛନ୍ତି। ଫଳରେ ଏହି ୨୦ ମିଟର ରାସ୍ତା ଶୋଚନୀୟ ହୋଇ ପଡିଛି। ଲୋକେ ଯାତାୟାତ ବେଳେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିଯୋଗୁ ଛୋଟବଡ ଦୁର୍ଘଟଣା ଘଟୁଥିବା ଚୁଲିମାଲ ଏବଂ ଝାରକଦଳୀପାଲି ଗାଁର ହାଡୁ ଭୂଏ, ଟେଙ୍ଗନୁ ଭୂଏ, ହରିବୋଲ କଲତା, ଅନ୍ତ ପଧାନ, ଝସକେତନ ମହାକୁର ପ୍ରମୁଖ କହିଛନ୍ତି। ତୁରନ୍ତ ଅସମ୍ପୂର୍ଣ୍ଣ ଏହି ୨୦ମିଟର କାମକୁ ସାରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ଶୋଚନୀୟ ହୋଇ ପଡିଥିବା ରାସ୍ତା।

## ଚାଷୀ ସମସ୍ୟା ନେଇ ଆଲୋଚନା

ଜାମଟିକ୍ରା, ୩୦।୩ (ଡି.ଏନ.ଏ)

ଦିନକୁ ଦିନ ବଦଳୁଛି କୃଷି ନୀତି । ତେଣୁ ଚାଷୀଙ୍କ ନିଜ ହଜିଯାଉଛି । ଏବେ ପୁଣି ରବି ଧାନ ବିକ୍ରିକୁ ନେଇ ସୋସାଇଟି ପକ୍ଷରୁ ଯେଉଁ ଫର୍ମ ଦିଆଯାଉଛି ସେଥିରେ ଦୁଇଟି ନୂତନ ସ୍ତମ୍ଭ ଯୋଡାଯାଇଛି। ଯାହାକି ରବି ଧାନ ବିକ୍ରି ପାଇଁ ଚାଷୀଙ୍କ ନାମ ପଞ୍ଜୀକରଣ କରିବାରେ ବାଧା ସୃଷ୍ଟି କରୁଛି । ଏହି ନୂତନ ଫର୍ମ ଅନୁସାରେ ନାମ ପଞ୍ଜୀକରଣ ପାଇଁ ଥିବା ନିୟମରେ ଜମି ମାଲିକଙ୍କ ଆଧାର ଓ ମୋବାଇଲ ନମ୍ବର ଦେବାକୁ ପଡୁଛି । କିନ୍ତୁ ଏହି ଅଞ୍ଚଳରେ ଅନେକ ଜମିର ମାଲିକ ଯାହାଙ୍କ ନାମରେ ଜମି ପଟ୍ଟା ରହିଛି ସେମାନେ ପିଢ଼ି ପିଢି ଧରି ଜମି ଭାଗ କରିନାହାନ୍ତି। ସେମାନଙ୍କ ମଧ୍ୟରୁ କେତେକ ମୃତ୍ୟୁବରଣ କଲେଣି। ଯେଉଁମାନେ ଜୀବିତ ଅଛନ୍ତି ସେମାନଙ୍କ ନାମରେ ମୋବାଇଲ ନମ୍ବର ନାହିଁ। ଏପରି ସ୍ଥଳେ ଏହି ନିୟମ ହେତୁ ଅନେକ ଚାଷୀ ପଞ୍ଜୀକୃତ ହୋଇପାରିବେ ନାହିଁ। ତେଣୁ ଚାଷୀମାନେ କିପରି ସୁବିଧାରେ ଧାନ ବିକ୍ରି କରିପାରିବେ ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ଓଡିଶା ରାଜ୍ୟ କୃଷକ ସଙ୍ଗଠନର ସଦସ୍ୟମାନେ ଅତାବିରା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବରଗଡ ଉପଜିଲାପାଳ ଶୁଭେନ୍ଦୁ କୁମାର ସାମଲ ଓ ଅତାବିରା ତହସିଲଦାର ଦୁର୍ଯ୍ୟୋଧନ ଭୋଇଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ବେଳେ ସଙ୍ଗଠନର ସଭାପତି ବୀରେନ୍ଦ୍ର କର, ସମ୍ପାଦକ ସୁବାଷ ବିଶ୍ୱାଳ, ଅଫିସ ସମ୍ପାଦକ କୀର୍ତ୍ତନ ବିଶ୍ୱାଳ, ରବୀନ୍ଦ୍ର ବିଶି, ସୁରେନ୍ଦ୍ର ସ୍ୱାଇଁ, ଜି. ସିନୁ, ଆପା ରାଓ, ଜୟ ବାବୁ, ସୁରେଶ କର୍ଣ୍ଣ ପ୍ରମୁଖ ଉପସ୍ଥିତ ଥିଲେ । ଏ ସମ୍ପର୍କରେ ଉପଜିଲାପାଳ ସାମଲଙ୍କୁ ପଚାରିବାରୁ ସେ କହିଲେ, ମୁଁ ଜିଲାପାଳଙ୍କ ସହ କଥା ହୋଇ ଭୁବନେଶ୍ୱର ଯିବି । ସେଠାରେ ଏହି ମୂଳ ସମସ୍ୟା ଗୁଡିକ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିବି ।

## ଅପହରଣ, ଡକାୟତି ଘଟଣାରେ ୫ ଗିରଫ



ଗିରଫ ୫ ଅଭିଯୁକ୍ତ ।



ଜବତ୍ ସ୍କର୍ପିଓ ।

ବଲାଙ୍ଗୀର ଅଫିସ, ୩୦।୩

କିଛି ଦିନର ନୀରବତା ପରେ ବଲାଙ୍ଗୀର ସହରରେ ପୁଣି ଥରେ ସକ୍ରିୟ ହୋଇଛନ୍ତି କଫ୍ ସିରଫ୍ ମାଫିଆ । ଜଣେ ଯୁବକଙ୍କୁ ଅପହରଣ, ନିସ୍ଥୁକ ମାଡ ମାରିବା ଓ ଡକାୟତି କରିବା ନେଇ ଟାଉନ୍ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଟିମ୍ କଫ୍ ସିରଫ କାରବାରରେ ସମ୍ପୃକ୍ତ ୫ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମାଳପଡାର ପ୍ରଶାନ୍ତ କ୍ଷେତୀ (୩୫), ସୁଧୀର ପଟେଲ (୨୮), ବରପାଲିପଡାର ସାନ ନେଗୀ (୩୫), କାହ୍ନା ମିଶ୍ର (୩୧) ଓ ସାଲେପାଲିର ଶିବ ବାଗ (୫୦) । ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଟାଉନ୍ ଥାନା ପୋଲିସ ସୂତ୍ରରୁ କୁହାଯାଇଛି । ବଲାଙ୍ଗୀର ରୁଗୁଡିପଡାର ପ୍ରଫୁଲ୍ଲ କୁମାର ନନ୍ଦ ଟାଉନ୍ ଥାନାରେ ଗତ ୨୯ ତାରିଖ ଦିନ ଅଭିଯୋଗ କରିଥିଲେ ଯେ, ତାଙ୍କ ପୁଅ ଅମିତ କୁମାର ନନ୍ଦଙ୍କୁ ଉପରୋକ୍ତ ଅଭିଯୁକ୍ତମାନେ ଟାଉନ୍ ଭିତରୁ ଅପହରଣ କରିନେଇ ଜେକ୍‌ରଡ୍, ଟାଙ୍ଗି, ବନ୍ଧୁକ ଓ ଲୁହା ପାଇପ୍‌ରେ ତାଙ୍କୁ ନିସ୍ଥୁକ ମାଡ ମାରିଥିଲେ । ଏପରିକି ତାଙ୍କଠାରୁ ୧୮ ଶହ ଟଙ୍କା ମଧ୍ୟ ଲୁଟି ନେଇଥିଲେ । ଅପହରଣକାରୀଙ୍କଠାରୁ ଅମିତ୍ ଖସି ଆସି ତାଙ୍କ ପିତାଙ୍କୁ ସବୁ କଥା କହିବା ପରେ ଏନେଇ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ଥାନାରେ ଏକ ମାମଲା (ନଂ.୨୧୨/୨୧) ରୁଜୁ କରି ପୋଲିସ ଦୁଇଟି ସ୍ୱତନ୍ତ୍ର ଟିମ୍ ଗଠନ ପୂର୍ବକ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଉପରୋକ୍ତ ୫ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଅପହରଣରେ ବ୍ୟବହୃତ ସ୍କର୍ପିଓ (ଓଆର୦୨ବିଡବ୍ଲ୍ୟୁ୦୨୩୪) ସହ ଦୁଇଟି ସକବ୍ ରଡ୍ ଜବତ୍ କରାଯାଇଛି।

## କେନାଲ ମରାମତି ନାଁରେ ଗଛକଟା

ସରଣ୍ଡା, ୩୦।୩ (ଡି.ଏନ.ଏ)

ବରଗଡ ଜିଲା ଅତାବିରା ବ୍ଲକ ଖାଇରପାଲି-ସରଣ୍ଡା କେନାଲ କଡରେ ଲଗାଯାଇଥିବା ଶାଗୁଆନ, କର୍ଣ୍ଣ, ଡୁମ୍ବେର, ପିଜୁଳି, ଆମ୍ବ ଆଦି ଗଛକୁ ବେଆଇନ ଭାବେ କଟାଯାଇଥିବା ଅଭିଯୋଗ ହୋଇଛି। କେନାଲ ମରାମତି ନାଁରେ ବିନା ଅନୁମତିରେ ଶହ ଶହ ଗଛ କଟାଯାଇଥିବାରୁ ନୂଆଁଖାଇରପାଲି ପଡାବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଖବର ପାଇ ବରଗଡ ରେଞ୍ଜର ପୃଥ୍ୱୀରାଜ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଅତାବିରା ଫରେଷ୍ଟର ଚିନ୍ମୟୀ ମହାପାତ୍ର, ଡୁରୁମ ଫରେଷ୍ଟର ପ୍ରଶାନ୍ତ ସାହୁ, ଗୋଡଭଗା ଫରେଷ୍ଟ ଗାର୍ଡ ଶଶିକାନ୍ତ ମଲ୍ଲିକ, ଅତାବିରା ଫରେଷ୍ଟ ଗାର୍ଡ ନୀଳିମା କୁମ୍ଭାର ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ସେମାନେ ଘଟଣାସ୍ଥଳରୁ ଦୁଇଟି ନମ୍ବର ବିହୀନ ଟ୍ରାକ୍ଟର ଏବଂ ଗୋଟିଏ ଜେସିବି ମେଶିନ (ନଂ.ଓଡି ୧୬-୭୭୬୧କୁ ଜବତ କରିଥିବା ଜଣାପଡିଛି ।



କେନାଲ ମରାମତି ପାଇଁ ଗଛ କଟାଯାଇଛି।

# ଟଙ୍କା ଫେରାଇଲେ ପିଇଓ, ଜିଓଟ୍ୟାଗ୍ ବହିଷ୍କୃତ

ଦେଓଗାଁ,୩୦।୩ (ଡି.ଏନ.ଏ.)

**ମୃତକଙ୍କ ନାମରେ ଆବାସ ଯୋଜନା ଅର୍ଥ ଉଠାଣ ଘଟଣା**

**ଧରିତ୍ରୀ ପ୍ରଭାବ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ କୁଲୁତାପଡା ପଞ୍ଚାୟତରେ ଜଣେ ମୃତକଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ଗୃହର ଅର୍ଥ ହେରଫେର ଘଟଣା ଏବେ ଭିନ୍ନ ମୋଡ ନେଇଛି। ବ୍ଲକ ପ୍ରଶାସନ ଏହି ଘଟଣାର ତଦନ୍ତ ଆରମ୍ଭ କରିବା ଓ ପ୍ରାଥମିକ ତଦନ୍ତରୁ ଅର୍ଥ ହେରଫେର ସ୍ପଷ୍ଟ ହେବା ପରେ ପଞ୍ଚାୟତ କର୍ମଚାରୀ ମହଲରେ ଛନକା ପଶିଥିଲା। ଘଟଣାକୁ ରଫାଦଫା କରିବା ପାଇଁ ପ୍ରୟାସ କରାଯାଇଥିଲା । ମୃତକଙ୍କ ନାମରେ ଅର୍ଥ ଉଠାଣ ଖବର ସମ୍ପର୍କିତ ଲଗାତର ଦୁଇଟି ଖବର ଧରିତ୍ରୀରେ ପ୍ରକାଶିତ ହେବା ପରେ ଏବେ ବ୍ଲକ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବା ଆରମ୍ଭ କରିଛି। ମଙ୍ଗଳବାର କୁଲୁତାପଡା ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ଲିଙ୍ଗରାଜ ସୁନା ୧ଲକ୍ଷ ୩୦ହଜାର ଟଙ୍କା ବ୍ଲକ ଆବାସ ଯୋଜନାକୁ ଫେରାଇ ଦେଇଥିବା ବିଭାଗର ବ୍ଲକ ପ୍ରକଳ୍ପ ସଂଯୋଜକ(ବିପିସି) ଦୟାଲୁ ସାହୁ କହିଛନ୍ତି । ଅନ୍ୟପକ୍ଷେ ଏଥିରେ ପଞ୍ଚାୟତର ସମ୍ପୃକ୍ତ ଜିଓଟ୍ୟାଗ ପ୍ରଶାନ୍ତ କୁମାର ନନ୍ଦଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଥିବା ବ୍ଲକ ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି । ତଦନ୍ତ ପରେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ ମୂରଲୀଧର ନାଏକ କହିଛନ୍ତି।

ଏହି ପଞ୍ଚାୟତ ମୁଖ୍ୟାଳୟରେ ପୂର୍ବରୁ ରହୁଥିବା ରାଜକିଶୋର ସାହୁ ନାମକ ଯୁବକଙ୍କ ନାମରେ ଆବାସଗୃହ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ତେବେ ବର୍ଷକ ତଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କର କେହି ଉତ୍ତରାଧିକାରୀ ନ ଥିବାରୁ ମୃତ ରାଜକିଶୋରଙ୍କ ନାମରେ ଅନ୍ୟ ଜଣଙ୍କୁ ଦର୍ଶାଇ ତାଙ୍କ ନାମରେ ନକଲି ଆଧାର କାର୍ଡ, ନକଲି ବ୍ୟାଙ୍କ ପାସ୍‌ବହି ପ୍ରସ୍ତୁତ କରି ଆବାସ ଗୃହର ସମ୍ପୂର୍ଣ୍ଣ ବିଲ୍ ଉଠାଣ କରି ନିଆଯାଇଥିଲା। ତେବେ କିଛିଦିନ ତଳେ ଖଇରମାଲ ଗାଁର ଜନୈକଙ୍କ ପୁରୁଣା ଘର ସାମ୍ନାକୁ ସିମେଣ୍ଟ ପ୍ଲାଷ୍ଟର କରି ନାମ ଫଳକ ଲେଖାଯାଇଥିଲା। ଏହା ନଜରକୁ ଆସିବା ପରେ ଗାଁରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଉକ୍ତ ବ୍ୟକ୍ତିଙ୍କ ନାମରେ ଗାଁରେ କୌଣସି ବ୍ୟକ୍ତି ନ ଥିବା ବେଳେ କାହିଁକି ଏକ ପୁରୁଣା ଘରେ ରାତାରାତି ନାମ ଫଳକ ଲଗାଗଲା ବୋଲି ସନ୍ଦେହ ପ୍ରକାଶ ପାଇଥିଲା ।

